# ତହସିଲଦାର କରଞ୍ଜିଆଙ୍କ କାର୍ଯ୍ୟାଳୟ ::ମୟୂରଭଞ୍ଜ

ପତ୍ର ସଂଖ୍ୟା ୩୪୭୧/ ତା ୧୮.୧୦.୨୦୨୧/

## ଦୀର୍ଘ ମିଆଦ ଲୀଜ ନିମନ୍ତେ ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ,ଓଡିଶା ଲଘୁ ଖଣିଜ ରିହାତି ଆଇନ (OMMC Rules 2016) ନିୟମାନୁଯାଇ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ତହସିଲ ଅନ୍ତର୍ଗତ ୧ -ଅନ୍ଧାରଝରି ସଇରାତ ଉତ୍ସ(ପଥର ଖାଦାନ ), ୨ –ବିରଯଦୁନାଥପୁର ସଇରାତ ଉତ୍ସ (ବାଲୁକା ଶଯ୍ୟା ),୩ –ଭଉଁରା-୧ସଇରାତ ଉତ୍ସ(ପଥର ଖାଦାନ ), ଓ ୪ –ଭଉଁରା -୩ ସଇରାତ ଉତ୍ସ(ପଥର ଖାଦାନ ) ଆସନ୍ତା ୫ (ପାଞ୍ଚ ) ବର୍ଷ ନିମନ୍ତେ ଲିଜ ପାଇଁ ନିମ୍ନ ସାରଣୀ ମୁତାବକ ତହସିଲଦାର ,କରଞ୍ଜିଆଙ୍କ ଦ୍ୱାରା ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rules 2016 ର Form-M(3 Copies) ପୂରଣ କରି ,ନିମ୍ନ ଲିଖିତ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଦିଆଯାଇଥିବା ଲଫାପା (Sealed cover ) ରେ ଆବେଦନ କରୁଥିବା ଉତ୍ସର ନାମ ଓ ସଇରାତ କେସ ନମ୍ବର ଉଲ୍ଲେଖ କରି Registered Post/Speed Post ଜରିଆରେ ତହସିଲଦାର ,କରଞ୍ଜିଆଙ୍କ ଠିକଣାରେ କିମ୍ବା ତହସିଲଦାର ,କରଞ୍ଜିଆଙ୍କ କାର୍ଯ୍ୟାଳୟରେ ଥିବା ଜଉମୁଦ ଦିଆ ଟେଣ୍ଡର ବାକ୍ସରେ ଆସନ୍ତା ତା ୦୬/୧୧/୨୦୨୧ରିଖ ଠାରୁ ତା ୨୨/୧୧ /୨୦୨୧ ରିଖ ଦିବା ୫ ଘଟିକା ମଧ୍ୟରେ (ଛୁଟି ଦିନ ବ୍ୟତୀତ ) ପକାଇ ପାରିବେ । ତାଂ ୨୩/୧୧/୨୦୨୧ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଲିଜ ଦରଖାସ୍ତକାରୀ /ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ତନଖି କରାଯାଇ ଲିଜ ଚୁଡାନ୍ତ କରାଯିବ ଓ ଅସମ୍ପୂର୍ଣ ଦରଖାସ୍ତ ଗୁଡିକୁ ବାତିଲ କରାଯିବ ।

### ଆବଶ୍ୟକୀୟ ଦସ୍ତାବିଜ

| | |
|---|---|
| ୧. | ଦରଖାସ୍ତ ଫି ବାବଦକୁ ଟ. ୧୦୦୦ /-(ଏକ ହଜାର ) ଟଙ୍କାର ଟ୍ରେଜେରୀ ଚାଲାଣ (Head of Account-0853-Non-Ferrous Mining and Metallurgical Industries-102-Minor Concession Fees, Rents and Royalties) ଜମା କରିବାକୁ ପଡିବ । ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ । |
| ୨. | ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାଇ କୌଣସି ଖଣିଜ ଦେୟ ବକେୟା ନ ଥିବା ଦର୍ଶାଇ ଏକ ସତ୍ୟପାଠ ଦାଖଲ ଦେବେ । |
| ୩. | ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed Quantity) ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲିଟିର ସମପରିମାଣ ମୂଲ୍ୟର ୧୮ ମାସ ବୈଧତା ଥିବା ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee ) କିମ୍ବା ୧୮ ମାସ ପର୍ଯ୍ୟନ୍ତ ବୈଧ ଥିବା ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ Solvency Certificate ଆବେଦନ ସହିତ ଦାଖଲ କରିବାକୁ ହେବ ।<br>Bank Gurantee=(MGQ of that Quarry for 1st year)*(Offered Additional Charge+Royalty) |
| ୪. | ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନ କାରୀଙ୍କ ସ୍ଥାବର ସମ୍ପତ୍ତିର (Immovable Property)ତାଲିକା । |
| ୫. | ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ଉପରେ ଅତିରିକ୍ତ ଦେୟ ଓ ରୟାଲଟିର ଶତକଡା ୫ ଭାଗ EMD (Earnest Money ) ନିମନ୍ତେ ତହସିଲଦାରଙ୍କ ନାମରେ ଚଳବନ୍ଧକୃତ ବା Pledged ବ୍ୟାଙ୍କ ଡ୍ରାଫ୍ଟ । (EMD =5 %{(MGQ of that Quarry for 1st year)*(Additional charge+Royalty)} |

18/10/21

Tahasildar
Karanjia

| | |
|---|---|
| | **ସର୍ତ୍ତାବଳୀ** |
| ୧. | ଆବେଦନକାରୀ ମାନେ OMMC Rules 2016 & Amendment Rules there after ର ପରିସର ଭୁକ୍ତ ରହିବେ ଏବଂ ତତସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ । |
| ୨ . | ଲିଜପାଇଁ ଆବେଦନ କରିବା ପୂର୍ବରୁ ଇଚ୍ଛୁକ ବ୍ୟକ୍ତି ଲଘୁ ଖଣିଜ ଗୁଡିକ ପରିଦର୍ଶନ କରି ସଇରାତ ପରିଚାଳନା ପାଇଁ ଗମନା ଗମନ ସୁବିଧା ,ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଭାଗନେବେ । ଲିଜ ନେବା ପରେ ସଇରାତ ଚଳାଇବା କିମ୍ବା ରାସ୍ତା ଦେଖାଇବା ସମ୍ପର୍କରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣୀୟ ହେବନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତୃପକ୍ଷ ଦାୟୀ ରହିବେ ନାହିଁ i । |
| ୩ . | ଲିଜ ପାଇବା ପରେ ସଇରାତ ଚଳାଇବା ପାଇଁ କୌଣସି ଅଭିଯୋଗ ଗ୍ରହଣୀୟ ହେବନାହିଁ କିମ୍ବା କର୍ତୃପକ୍ଷ ଦାୟୀ ହେବେ ନାହିଁ |
| ୪ . | ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (Additional Charge) ବାବଦକୁ ସର୍ବୋଚ ମୂଲ୍ୟ ଦରଜ କରିଥିବା ନିଲାମ ଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ନିଲାମ ଧାରୀ ସମାନ ସର୍ବୋଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ (Draw of lots)ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । |
| ୫ . | ଯୋଗ୍ୟ ବିବେଚିତ ହୋଇଥିବା ଆବେଦନକାରୀ ସ୍ଥିରିକୃତ ହୋଇଥିବା **ଲଘୁ ଖଣିଜ ଦ୍ରବ୍ୟର ବାର୍ଷିକ ପରିମାଣ (MGQ) ସହିତ ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସର୍ବୋଚ ଅତିରିକ୍ତ ଦେୟ (Additional Charge ) ସହିତ ବାଲି ବା ପଥର ରୟାଲଟି ଏବଂ ବାର୍ଷିକ MGQ ପାଇଁ ଧାର୍ଯ୍ୟ DMF (Contribution payable to DMF ) ଗୁଣନ କରି ସମ୍ପୃକ୍ତ ରାଶିର ୨୫ %ରୁ ପୂର୍ବରୁ ଦାଖଲ କରିଥିବା ଚୟନ ରାଶି (Earnest Money ) କୁ ବାଦ ଦେଇ ଏକତ୍ର କରି ଅମାନତ ରାଶି (Security Deposit ) ଭାବରେ ଦାଖଲ କରିବେ ।** ଏହି ଅମାନତ ରାଶି ବିନା ସୁଧ (Interest Free )ରେ ରଖାଯିବ । ଯଦି ମନୋନୀତ ଆବେଦନକାରୀ ୧୫ ଦିନ ମଧ୍ୟରେ ସମ୍ମତି ସହିତ ଉପରୋକ୍ତ ରାଶି ଜମା ନକରନ୍ତି , ତେବେ ତାଙ୍କର EMD ବାବଦକୁ ଜମା ଥିବା ରାଶି ବାଜ୍ୟାପ୍ତ କରି ସରକାରଙ୍କ ନିକଟରେ ଜମା ଦିଆଯିବ ଏବଂ ଦିତୀୟ ସର୍ବାଧିକ ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟ ଦର୍ଶାଇଥିବା ଦରଖାସ୍ତକାରୀଙ୍କୁ ସୁଯୋଗ ଦିଆଯିବ । ମନୋନୟନ ପ୍ରକ୍ରିୟା ସମାପ୍ତ ହେଲାପରେ ଅକୃତ୍ୟ କାର୍ଯ୍ୟ ଆବେଦନକାରୀ ମାନଙ୍କୁ ଜମା ଦେଇଥିବା Earnest Money ଫେରସ୍ତ କରାଯିବ । |
| ୬. | ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟ Mining Plan ରେ ଦର୍ଶାଯାଇଥିବା ଲଘୁ ଖଣିଜ ଉତ୍ତୋଳନ ପରିମାଣ ଅନୁଯାଇ ବାର୍ଷିକ ସମସ୍ତ ଟଙ୍କା ଲିଜଧାରୀଙ୍କୁ ଏକକାଳୀନ ଦାଖଲ କରିବାକୁ ପଡିବ । ଏହା ବ୍ୟତୀତ ଆବେଦନକାରୀ ବା ଲିଜଧାରୀ ଦାଖଲ କରିଥିବା ସମସ୍ତ ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟର ଶତକଡା ୫ ଭାଗ ଅର୍ଥ ପରିବେଶ ପରିଚାଳନା ପାଣ୍ଠି ବାବଦକୁ ପଇଠ କରିବା ସହିତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ District Mineral Foundation ବାବଦକୁ ଶତକଡା ୧୦ ଭାଗ ଅର୍ଥ ଜମା କରିବାକୁ ପଡିବ । ସେହିଭଳି ଲିଜ ଧାରୀଙ୍କୁ **ଆଗାମୀ ୭ (ସାତ ) ଦିନ ମଧ୍ୟରେ ପ୍ରଥମ ବର୍ଷର ପରିମାଣ ଅନୁଯାଇ (ନିମ୍ନରେ ପ୍ରଦତ୍ତ ସୂଚୀ ଅନୁସାରେ) ବକେୟା ଥିବା ଅତିରିକ୍ତ ଦେୟ ତଥା ରୟାଲଟିର ମୂଲ୍ୟ ଜମା କରିବାକୁ ପଡିବ** । ଲିଜଧାରୀ ବକେୟା ଥିବା ମୂଲ୍ୟ ଜମା କରିବା ପରେ **ନିଜ ଖର୍ଚ୍ଚରେ ଲିଜ Agreement ବା ଚୁକ୍ତି (ରେଜିଷ୍ଟ୍ରେସନ ଆକ୍ଟ -୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ ) ସମ୍ପାଦନ କରିବେ ।** ଯଦି ନିଯୋଜିତ ଦରଖାସ୍ତକାରୀ ଚୁକ୍ତି ସମ୍ପାଦନ ପୂର୍ବରୁ ନିର୍ଦ୍ଧାରିତ ମୂଲ୍ୟ ଜମା ନ କରନ୍ତି , ତେବେ ତାଙ୍କର EMD ଓ ଜମା କରିଥିବା ରାଶି ବାଜ୍ୟାପ୍ତ କରି ସରକାରଙ୍କ ନିକଟରେ ଜମା ଦିଆଯିବ । ପରବର୍ତ୍ତୀ ବର୍ଷ ଗୁଡିକ ପାଇଁ ପ୍ରତ୍ୟକ ବର୍ଷ ଭଳି ଚୁକ୍ତି (Lease agreement )ର ଦିନ ଶେଷ ହେବାର ୨ ମାସ ପୂର୍ବରୁ ଦେୟ ପଇଠ କରିବେ । |
| ୭ . | ଯଦି ସର୍ବୋଚ୍ଚ Additional Charge ମୂଲ୍ୟାଙ୍କକରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ଦେୟ ପଇଠ ନ କରନ୍ତି ବା ଖିଲାପ କରନ୍ତି ତାହେଲେ ଦିତୀୟ ସର୍ବାଧିକ ମୂଲ୍ୟାଙ୍କ କରିଥିବା ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ । |

18.10.21

Tahasildar
Karanjia

| | |
|---|---|
| ୮. | ଯଦି ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥରାଶିଠାରୁ ଅତିକ୍ରମ ହୋଇଥାଏ ତେବେ ଲିଜ ପ୍ରକ୍ରିୟାକୁ ରଦ୍ଦ କରାଯାଇ (Controlling Authority )ଙ୍କ ଅନୁମତେ କ୍ରମେ ନୂତନ ନିଲାମ କରାଯିବ । |
| ୯. | ଲିଜଧାରୀଙ୍କ ପ୍ରତେକ ବର୍ଷ ଧାର୍ଯ୍ୟ କରାଯାଇଥିବା ରୟାଲଟି ଏବଂ ଅତିରିକ୍ତ ଦେୟ ସହିତ **Dead Rent ଏବଂ Surface Rent** ଦାଖଲ କରିବାକୁ ପଡିବ । ଲିଜଧାରୀଙ୍କୁ ସରକାରଙ୍କ ଦ୍ୱାରା ସମୟାନୁକ୍ରମେ ବର୍ଦ୍ଧିତ ହେଉଥିବା ରୟାଲଟି /Dead Rent ଓ ଅନ୍ୟାନ ଦେୟର ଧାର୍ଯ୍ୟ ମୂଲ୍ୟ ଜମାକରିବାକୁ ପଡିବ । ପ୍ରାଧିକୃତ ଅଧିକାରୀ Mining Plan ରେ ଦର୍ଶାଯାଇଥିବା ସର୍ବନିମ୍ନ ଉଲ୍ଲେଖ ପରିମାଣ ଏହି ନୋଟିସରେ ଦର୍ଶାଇଥିବା ପରିମାଣ ସହିତ ସମାନ କିମ୍ବା ଅଧିକ ହୋଇପାରେ । ତେଣୁ ଦିଆଯାଇଥିବା ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ମୁତାବକ ସମସ୍ତ ଦେୟ ରୟାଲଟି ,DMF ଏବଂ ଅନ୍ୟାନ୍ୟ ଦେୟ ଦାଖଲ କରିବେ । |
| ୧୦ | ଲିଜଧାରୀ ବାର୍ଷିକ ନିଲାମ ମୂଲ୍ୟର **୨%(ଶତକଡା ଦୁଇ ) ଆୟକର** ଓ ସମୟାନୁଯାୟୀ ସରକାରଙ୍କ ଦ୍ୱାରା ଲାଗୁ କରାଯାଉଥିବା ଅନ୍ୟାନ୍ୟ ସରକାରୀ ଦେୟ ପ୍ରତେକ ବର୍ଷ ଜମାକରିବା ପାଇଁ ପଡିବ । |
| ୧୧ | ମନୋନୀତ ଆବେଦନକାରୀ **Mining Plan ତଥା Environmental Clearance ବାବଦରେ ଖର୍ଚ୍ଚ** ହୋଇଥିବା ଟଙ୍କା ଦେବାକୁ ପଡିବ । ଏହା ସହିତ ଲିଜଧାରୀମାନେ **ବିଜ୍ଞାପନ ଖର୍ଚ୍ଚ** ଆନୁପାତିକ ଭାବରେ ବହନ କରିବେ । |
| ୧୨ | ନିଲାମ ତାରିଖ ଦିନ ଦରଖାସ୍ତକାରୀ କିମ୍ବା ତାଙ୍କର ଅଧିକୃତ ପ୍ରତିନିଧି ଅନୁପସ୍ଥିତ ରହିଲେ ତାଙ୍କର କୌଣସି ଅଭିଯୋଗ ଶୁଣାଯିବନାହିଁ । |
| ୧୩ | ଯଦି ଦରଖାସ୍ତକାରୀ ଧାର୍ଯ୍ୟ ମୂଲ୍ୟ ଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତଥା ବିଜ୍ଞାପନ ଅନୁଯାୟୀ ଦସ୍ତାବିଜ ଦାଖଲ କରିନଥାନ୍ତି ତେବେ ତାଙ୍କ ଦରଖାସ୍ତକୁ ବିଚାରକୁ ନିଆଯିବନାହିଁ। |
| ୧୪ | ନିଲାମଧାରୀ OMMC Rule -2016 ରେ ନିୟମ -33 (1-29)ର ସମସ୍ତ ସର୍ତ୍ତାବଳି ମାନିବା ପାଇଁ ବାଧ୍ୟ ହେବେ । ଲିଜଧାରୀ ନିର୍ଦ୍ଧାରିତ ନିୟମର ଉଲ୍ଲଂଘନ କଲେ ଜମା ଦେଇଥିବା Security ରାଶିକୁ ବାର୍ଜ୍ୟାପ୍ତ କରିବାର କ୍ଷମତା ପ୍ରାଧିକୃତ ଅଧିକାରୀଙ୍କ ପାଖରେ ରହିଅଛି । ଏହା ବ୍ୟତୀତ OOMC Rule -2016 ଅନୁସାରେ ମଧ ଦଣ୍ଡିତ ହେବେ । |
| ୧୫ | ନିଲାମଧାରୀ ଲଘୁ ଖଣିଜ ଦ୍ରବ୍ୟର ଉତ୍ତୋଳନ ଅନୁମଦିତ Mining Plan ଅନୁଯାୟୀ କରିବେ । (Vehicle to be used as approved in the Mining Plan ) |
| ୧୬ | ଲିଜଧାରୀ Mines Act -1952 ଏବଂ Explosive Act -1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ । |
| ୧୭ | ସର୍ବୋଚ୍ଚ ନିଲାମଧାରୀ ସୈରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent to operate ) ଓଡିଶା ପ୍ରଦୂଷଣ ବୋର୍ଡ (Odisha Pollution Control Board )ରୁ ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ । |
| ୧୮ | ସୂଚନା ଫଳକ (Display Board ) ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ପାଇଁ ଲିଜଧାରୀ ବହନ କରିବେ । |
| ୧୯ | ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିପାରିବେ ନାହିଁ। |
| ୨୦ | କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ଲିଜ ବାତିଲ ବା ସ୍ଥଗିତ କରିପାରିବେ । |

Tahasildar
Karanjia

| | |
|---|---|
| ୨୧ | ଉସକୁ ଲାଗିଥିବା ରାସ୍ତା ,କୂଳ ଆଦିର ରକ୍ଷଣା ବେକ୍ଷଣ ଦାୟିତ୍ୱ ନିଲାମଧାରୀ ନେବେ ଏବଂ ପ୍ରତ୍ୟେକ ବର୍ଷ ତାହାର ମରାମତି କରିବେ । |
| ୨୨ | ଏହି ସମସ୍ତ ପ୍ରକ୍ରିୟା ହେବାପରେ ମନୋନୀତ ଆବେଦନକାରୀଙ୍କୁ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ -୨୦୧୬ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧିତ )ଆଇନ -୨୦୧୬ ନିୟମାବଳୀ ପ୍ରକାରେ ସମସ୍ତ ଦେୟ ଜମା ଦେଇ ଲିଜ ପାଇଁ ଚୁକ୍ତି ପତ୍ର ସମ୍ପାଦନ କରିବାକୁ ହେବ । |

କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବା ,ପରିବର୍ତ୍ତନ କରିବା ,ତ୍ରୁଟି ସଂଶୋଧନ କରିବା କିମ୍ବା କୌଣସି ଦରଖାସ୍ତକୁ ଖାରଜ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ଅଛି ।

## ଗୁରୁତ୍ୱପୂର୍ଣ୍ଣ ତାରିଖ

୧ . ଦରଖାସ୍ତ ପକାଇବାର ଶେଷ ତାରିଖ – ତା ୨୨/୧୧/୨୦୨୧ ଦିବା ୫ ଘଟିକା ସୁଦ୍ଧା ।

୨. ଟେଣ୍ଡର ବାକ୍ସ ଖୋଲିବାର ତାରିଖ -ତା ୨୩/୧୧/୨୦୨୧ ରିଖ ପୂର୍ବାହ୍ନ ୧୧ ଘଟିକା ।

୩ . କୌଣସି କାରଣ ବସତଃ ତା ୨୩/୧୧/୨୦୨୧ ରିଖରେ ଖୋଲାହୋଇ ନପାରିଲେ ପରବର୍ତ୍ତୀ ତାରିଖ -ତା ୨୪/୧୧/୨୦୨୧ ପୂର୍ବାହ୍ନ ୧୧ ଘଟିକା ସମୟରେ ଖୋଲାହେବ ।

18.10.21

ତହସିଲଦାର ,କରଞ୍ଜିଆ

Tahasildar
Karanjia

ଜ୍ଞାପକ ସଂଖ୍ୟା. ୩୪୭୨/ ତା ୧୮.୧୦.୨୦୨୧ /

ଏହାର ଏକକିତା ନକଲ ଜିଲ୍ଲାପାଳ ,ମୟୂରଭଞ୍ଜ / ଉପଜିଲ୍ଲାପାଳ ,ପାଞ୍ଚିପୀଢ ,କରଞ୍ଜିଆଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

18.10.21

ତହସିଲଦାର ,କରଞ୍ଜିଆ ।

Tahasildar
Karanjia

ଜ୍ଞାପକ ସଂଖ୍ୟା ୩୪୭୩ / ତା ୧୮.୧୦.୨୦୨୧ /

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ତହସିଲଦାର ,କରଞ୍ଜିଆ /ସୁକୁଳି /ରରୁଆଁ /ଯଶିପୁର/ଠାକୁରମୁଣ୍ଡା/ସମ୍ପୃକ୍ତ ଅଞ୍ଚଳର ଗ୍ରା :ପ :/ ସମ୍ପୃକ୍ତ ଥାନା ଅଧିକାରୀ /କାର୍ଯ୍ୟ ନିର୍ବାହୀ ଅଧିକାରୀ ,ବିଜ୍ଞାପିତ ଅଞ୍ଚଳ ପରିଷଦ ,କରଞ୍ଜିଆଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

18.10.21

ତହସିଲଦାର ,କରଞ୍ଜିଆ ।

Tahasildar
Karanjia

ଜ୍ଞାପକ ସଂଖ୍ୟା ୩୪୭୪ /ତା ୧୮.୧୦.୨୦୨୧ /

ଏହାର ଏକକିତା ନକଲ କରଞ୍ଜିଆ ତହସିଲ ଅଧିନରେ ଥିବା ରାଜସ୍ୱ ପର୍ଯବେକ୍ଷକ ଓ ରାଜସ୍ୱ ନିରୀକ୍ଷକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ନିଜ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ପ୍ରକାଶ କରିବା ଓ ଏହାର ବହୁଳ ପ୍ରଚାର ,ପ୍ରସାର ନିମନ୍ତେ ନିର୍ଦ୍ଦେଶ ଦିଆଗଲା ।

18.10.21

ତହସିଲଦାର,କରଞ୍ଜିଆ ।
Tahasildar
Karanjia

ଜ୍ଞାପକ ସଂଖ୍ୟା ୩୪୭୫ /ତା ୧୮.୧୦.୨୦୨୧ /

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ ,ମୟୂରଭଞ୍ଜଙ୍କୁ ଜିଲ୍ଲା Websiteରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଯିବା ସଙ୍ଗେ ସଙ୍ଗେ , ତାଙ୍କୁ ପୁଣି ଅନୁରୋଧ କରାଗଲାକି,ଏହି ତଥ୍ୟ ଖବର କାଗଜ ମାଧ୍ୟମରେ ପ୍ରକାଶ କରାଇବା ନିମନ୍ତେ ଜଣାଇ ଦିଆଗଲା ।

18.10.21

ତହସିଲଦାର ,କରଞ୍ଜିଆ ।
Tahasildar
Karanjia

## ଲିଜପାଇଁ ଉଦ୍ଦିଷ୍ଟ ସୈରାତ ଉତ୍ସର ବିସ୍ତାରିତ ବିବରଣୀ ।

| କ୍ରମିକ ସଂଖ୍ୟା | ମୌଜାର ନାମ | ସୈରାତ ଉତ୍ସର ନାମ ଏବଂ କେସ ନମ୍ବର | ଖାତା ନଂ | ପ୍ଲଟ ନଂ | ରକବା | ଧାର୍ଯ୍ୟ ସରକାରୀ ମୂଲ୍ୟ ଓ ସର୍ବ ନିମ୍ନ ଅତିରିକ୍ତ ଦେୟ | ବାର୍ଷିକ ବାଲି , ପଥର ଉଠାଇବାର ପରିମାଣ Cum (ପ୍ରଥମ ବର୍ଷ ପାଇଁ ) | ମନ୍ତବ୍ୟ |
|---|---|---|---|---|---|---|---|---|
| ୧ | ଅନ୍ଧାରଝରି | ଅନ୍ଧାରଝରି ପଥର ଖାଦାନ TMC No.02/21-22 | ୮୧ | ୭୦୮ | ଏ . ୧ . ୦୪ କିମ୍ବା ୦ . ୪୨୧୦ ହେକ୍ଟର . | ଟ .୧୩୦ .୦୦ ଓ ଟ .୧୦ .୦୦ | ୧୨୬୦ Cum | |
| ୨ | ବିରଯଦୁନାଥପୁର | ବିରଯଦୁନାଥପୁର ବାଲି ଖାଦାନ TMC No.07 /21-22 | ୬୧ | ୧/୬୨୭/୧ | ଏ . ୧୨.୩୫ କିମ୍ବା ୪.୯୯୭ ହେକ୍ଟର . | ଟ .୩୫ .୦୦ ଓ ଟ .୯୦.୦୦ | ୫୦୦୦ Cum | |
| ୩ | ଭଉଁରା | ଭଉଁରା -୧ ପଥର ଖାଦାନ TMC No.08/21-22 | ୨୧୫ | ୧୧୧୦ | ଏ . ୨.୦୪ କିମ୍ବା ୦ .୮୨୪୯ ହେକ୍ଟର | ଟ .୧୩୦ .୦୦ ଓ ଟ .୧୦ .୦୦ | ୧୧୬୬ Cum | |
| ୪ | ଭଉଁରା | ଭଉଁରା -୩ ପଥର ଖାଦାନ TMC No.09/21-22 | ୨୧୫ | ୧୭୯୮ | ଏ . ୧.୧୮ କିମ୍ବା ୦ .୪୭୭ ହେକ୍ଟର | ଟ .୧୩୦ .୦୦ ଓ ଟ .୧୦ .୦୦ | ୭୫୫ Cum | |

## ତହସିଲଦାରକରଞ୍ଜିଆଙ୍କ କାର୍ଯ୍ୟାଳୟ ::ମୟୂରଭଞ୍ଜ ।

ନୋଟିସ ସଂଖ୍ୟା ୩୪୭୬ ତା ୧୮.୧୦.୨୦୨୧ /

### ଲଘୁ ଖଣିଜ ଲିଜ ନିମନ୍ତେ ବିଜ୍ଞାପନ

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ , ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ -୨୦୧୬ ଓ ଓଡିଶା ଲଘୁ ଖଣିଜ ରିହାତି (ସଂଶୋଧନ ) ଆଇନ -୨୦୧୬ ଅନୁଯାୟୀ କରଞ୍ଜିଆ ତହସିଲ ଅନ୍ତର୍ଗତ ୧ -ଅନ୍ଧାରଝରି ସଇରାତ ଉତ୍ସ(ପଥର ଖାଦାନ ), ୨ --ବିରଯଦୁନାଥପୁର ସଇରାତ ଉତ୍ସ (ବାଲୁକା ଶଯ୍ୟା ),୩ –ଭଅଁରା-୧ସଇରାତ ଉତ୍ସ(ପଥର ଖାଦାନ ), ଓ ୪ –ଭଅଁରା -୩ ସଇରାତ ଉତ୍ସ(ପଥର ଖାଦାନ ) ୫ ବର୍ଷ ନିମନ୍ତେ ଦୀର୍ଘ ମିଆଦ ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ତେଣୁ ଆବେଦନକାରୀ ଫର୍ମ ପୂରଣ କରି ୩ କପି ସହ ଏହି ତହସିଲ ପତ୍ର ସଂଖ୍ୟା -. ୩୪୭୧/ସୈରାତ ତା. ୧୮/୧୧/୨୦୨୧ ରିଖରେ ଦିଆଯାଇଥିବା ସର୍ତ୍ତାବଳି ମୁତାବକ ତା ୨୨/୧୧/୨୦୨୧ରିଖ ଅପରାହ୍ନ ୫ ଘଟିକା ସୁଧା ଆବେଦନ କରିପାରିବେ । ଏହି ସଂକ୍ରାନ୍ତିୟ ସମ୍ପୂର୍ଣ ସର୍ତ୍ତାବଳି ମୟୂରଭଞ୍ଜ Website -www. mayurbhanj. nic.in ରୁ ତଥା ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡରୁ ଜାଣିପାରିବେ ।

18.10.21

ତହସିଲଦାର, କରଞ୍ଜିଆ

Tahasildar
Karanjia

FORM-M

# APPLICATION FOR GRANT OF QUARRY LEASE

{See Rule 27(4)}

To

The Tahasildar, Karanjia.

Dated______________the 2021

Sir,

1. I/We submit an application for a quarry lease for________________________ ___________________________________ for a term of 5(Five) years over ________ hectares of land in the area specified in the Annexure given below.

2. A sum of Rs.-______________ payable as fee(non-refundable0 for grant of such lease under sub-Rule (40 of Rule-27 of the Odisha Minor Mineral Concession Rules,2016 has been paid in the Government Treasury at____________________ and the receipt Challan bearing No.________________/ Dated_________________ is enclosed.

3. The Required particulars are given below-

(i) An affidavit stating that no mining due payable under the Act and Rules made there under is outstanding against the applicant.

(ii)Where land belongs to private persons, consent of all such persons for grant of quarry lease.

(iii)Solvency Certificate and list of immovable property from the Revenue Authority.

4.

(i).Name and Address of the Applicant_____________________________________

(ii) Nationality of the applicant.___________________________________

(iii). Profession of the applicant.

(iv). Particulars of the areas, mineral-wise, within the State for which the applicant or any person having joint interest with him__________________________________

(a) Already holds a quarry lease______________________________________________

(b) Have already applied for a quarry lease but not granted_____________________

(c) Being applied for simultaneously_________________________________________

(d) Nature of joint interest, if any____________________________________________

(v). Means by which the minor minerals is/are to be raised,i.e.whether manual or mechanical.

(vi). **Manner in which the minor minerals raised to be utilized-**

(a) For manufacture________________________________________________________

(b) For sale____________________________________________________________________

(c) Any other purpose____________________________________________

(vii). Details of the plan boundary description and land schedule of the areas applied for to be enclosed.

(viii). Has the applicant any previous experience in quarrying/mining? if yes, details should be given ____________________________________________

____________________________________________

(ix). Financial Resourcess of the applicant-

(a)

(b)

(x). Total investment in the operations anticipated______________________

(xi). **Any other particulars which the applicant wishes to furnish.**

(a)Name of the village/Forest Block____________________________

(b)Whether the area belongs to scheduled area______________________

(c)Details of the area applied for in each Survey Number_________________

(d)Full description of the area applied for with regard to natural features_________

____________________________________________

____________________________________________

(e) District-____________________________________________

5. Rate of additional Charge (per cubic meter) quoted- Rs.__________________

**N.B.:- The application shall be summarily rejected if the rate of additional charge quoted is less than the rate of additional charge specified in the notification.**

I/We hereby declare that the particulars furnished above are correct and undertake to furnish other details, plan etc. as may be required by you.

Yours faithfully,

Place____________________

Date____________________

*(Signature of the applicant)*

**N.B:- If the applicant is signed by an authorized agent of the applicant, the power of attorney should be attached.**